EducationDiary.com

# Cancer Awareness Camp Held At IIT Bhubaneswar



Bhubaneswar : Indian Institute of Technology (IIT) Bhubaneswar has organized a Free Cancer Awareness Health Camp, in association with Cuttack-based HCG Panda Cancer Hospital on 23rd September, with an objective to detect and diagnose Cancer at its early stages and to increase awareness about the disease. The camp was exclusively organized for the women members of IIT Bhubaneswar Campus.
At the outset, Dr. Nitish Ranjan Acharya, Surgical Oncologist, HCG Panda Cancer Hospital, delivered an awareness talk on cancer and its early detection. He elaborately discussed the role of HPV (Human Papillomavirus) Vaccines in prevention of Cervical Cancer in young women. The talk was followed by individual consultation. Special provision for PAP Smear tests was also arranged for the eligible women.
On behalf of IIT Bhubaneswar, the Team of Sanjeevan Health Centre, led by Dr. Mansoor Ahmed Khan, Senior Medical Officer coordinated the programme. A seven-member team from the hospital conducted the camp. Around 50 women members of the Institute participated in the camp and received the benefits of this programme.

**Link:** https://indiaeducationdiary.in/cancer-awareness-camp-held-at-iit-bhubaneswar/

SAMBAD

ସମ୍ବାଦ

Headline: Cancer Awareness Camp Held At IIT Bhubaneswar

# ଆଇଆଇଟିରେ ମାଗଣା କ୍ୟାନ୍ସର ସଚେତନତା ଶିବିର



ଜଟଣୀ, ୨୩/୯(ଇମିସ): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଓ କଟକସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ୍‌ର ମିଳିତ ସହଯୋଗରେ ଆଇଆଇଟି ପରିସରରେ ଏକ ମାଗଣା କ୍ୟାନ୍ସର ସଚେତନତା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ୍‌ର ସର୍ଜିକାଲ୍ ଅଙ୍କୋଲୋଜିଷ୍ଟ ଡା. ନିତୀଶ ରଞ୍ଜନ ଆଚାର୍ଯ୍ୟ ଯୋଗଦେଇ କ୍ୟାନ୍ସର ଓ ଏହାର ଶୀଘ୍ର ଚିହ୍ନଟ ସମ୍ପର୍କରେ ସଚେତନତା ସୂଚନା ପ୍ରଦାନ କରିବା ସହ ଯୁବତୀମାନଙ୍କ ମଧ୍ୟରେ ସର୍ଭିକାଲ୍ କ୍ୟାନ୍ସରର ପ୍ରତିରୋଧରେ ଏଚ୍‌ପିଭି ଭ୍ୟାକ୍ସିନ୍‌ର ଭୂମିକା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଆଇଆଇଟି ପକ୍ଷରୁ ସିନିୟର୍ ମେଡିକାଲ୍ ଅଫିସର୍ ଡା. ମନ୍‌ସୁଲ୍ ଅହମ୍ମଦ ଖାନ୍‌ଙ୍କ ନେତୃତ୍ୱରେ ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ରର ସଦସ୍ୟମାନେ ଶିବିରକୁ ପରିଚାଳନା କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ହିଁ କ୍ୟାନ୍ସର ଚିହ୍ନଟ ଏବଂ ଏଥି ସମ୍ବନ୍ଧୀୟ ସଚେତନତାର ପ୍ରସାର ଶିବିରର ଉଦ୍ଦେଶ୍ୟ ଥିଲା ବୋଲି ସୂଚନା ଦିଆଯାଇଛି। ଶିବିରରେ କ୍ୟାମ୍ପସ୍‌ର ପ୍ରାୟ ୫୦ ଜଣ ମହିଳା ସଦସ୍ୟା ଭାଗ ନେଇଥିଲେ।

BHUBANESWAR Edition
Page No.12 September 24, 2023

**The Sambad**

**24.09.2023**

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ

ପ୍ରଗତିବାଦୀ

ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ■ FOUNDER PRADYUMNA BAL

PRAGATIVADI

**Headline: Cancer Awareness Camp Held At IIT Bhubaneswar**

# କ୍ୟାନସର ସଚେତନତା ଶିବିର



■ ଜଟଣୀ,ତା ୨୩।୯(ପିଏନ୍‌ଏସ୍): ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଏକ ମାଗଣା କ୍ୟାନସର ସଚେତନତା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। କଟକସ୍ଥିତ ପଣ୍ଡା କ୍ୟାନସର ହସ୍ପିଟାଲର ମିଳିତ ସହଯୋଗରେ ଶନିବାର ଅନୁଷ୍ଠିତ ଏହି ଶିବିରରେ ପ୍ରାଥମିକ ପର୍ଯ୍ୟାୟରେ କ୍ୟାନସର ଚିହ୍ନଟ ଏବଂ ଏଥି ସମ୍ବନ୍ଧୀୟ ସଚେତନତାର ପ୍ରସାର କରାଯାଇଥିଲା । ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସର ମହିଳା ସଦସ୍ୟ ମାନଙ୍କ ପାଇଁ ଏହି ଶିବିର ଉଦ୍ଦିଷ୍ଟ ଥିଲା । ଏହି ଶିବିରର ପ୍ରାରମ୍ଭରେ, ପଣ୍ଡା କ୍ୟାନ୍ସର୍ ହସ୍ପିଟାଲ୍ର ସର୍ଜିକାଲ୍ ଅଙ୍କୋଲୋଜିଷ୍ଟ ଡଃ ନିତୀଶ ରଞ୍ଜନ ଆଚାର୍ଯ୍ୟ କ୍ୟାନସର ଓ ଏହାର ଯଥାଶୀଘ୍ର ଚିହ୍ନଟ ସମ୍ପର୍କରେ ସଚେତନତା ଉପରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ସେ ଯୁବତୀ ମାନଙ୍କ ମଧ୍ୟରେ ସର୍ଭିକାଲ୍ କ୍ୟାନସରର ପ୍ରତିରୋଧରେ ଭ୍ୟାକ୍ସିନର ଭୂମିକା ଓ ଉପାଦେୟତା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ଉପଯୁକ୍ତ ମହିଳାମାନଙ୍କ ପାଇଁ ପିଏପି ସ୍ମିଅର୍ ଟେଷ୍ଟର ବିଶେଷ ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଆଇଆଇଟି ଭୁବନେଶ୍ୱର ପକ୍ଷରୁ, ସିନିୟର୍ ମେଡିକାଲ୍ ଅଫିସର୍ ଡଃ ମନସୁଲ ଅହମ୍ମଦ ଖାଁଙ୍କ ନେତୃତ୍ୱରେ ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ରର ସଦସ୍ୟମାନେ ଏହି ଶିବିରର ପରିଚାଳନା କରିଥିଲେ । ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍ର ପ୍ରାୟ ୫୦ ମହିଳା ଏହି ଶିବିରରେ ଭାଗ ନେଇଥିଲେ ।

**The Pragativadi**

**24.09.2023**

**Headline: Cancer Awareness Camp Held At IIT Bhubaneswar**

సాక్షి

# ముందుగా గుర్తిస్తే ముప్పు తప్పినట్లే



గర్భాశయ కేన్సరు నివారణ చర్యలను వివరిస్తున్న వైద్య నిపుణులు

- కేన్సర్ అవగాహన శిబిరంలో వక్తలు

భువనేశ్వర్: కేన్సర్‌ను ప్రాథమిక దశలో గుర్తిస్తే ప్రాణాపాయం నుంచి తప్పించుకోవచ్చని వక్తలు పేర్కొన్నారు. ఇండియన్ ఇన్‌స్టిట్యూట్ ఆఫ్ టెక్నాలజీ (ఐఐటీ) భువనేశ్వర్ క్యాంపస్‌లో కటక్ హెచ్‌సీజీ పండా కేన్సర్ ఆస్పత్రి సహకారంతో కేన్సర్ అవగాహన శిబిరం నిర్వహించారు. ఈ సందర్భంగా సర్జికల్ ఆంకాలజిస్ట్ డాక్టర్ నితీష్ రంజన్ ఆచార్య మాట్లాడుతూ ప్రారంభ దశలో కేన్సరు గుర్తింపు కీలకమన్నారు. మహిళల్లో గర్భాశయ ముఖద్వార కేన్సరు నివారణలో హెచ్‌పీవీ (హ్యూమన్ పాపిల్లోమా వైరస్) వ్యాక్సిన్‌లు కీలక



మాట్లాడుతున్న డాక్టర్ నితీష్ రంజన్ ఆచార్య

పాత్ర పోషిస్తాయని చెప్పారు. అనంతరం మహిళలకు వైద్య పరీక్షలు నిర్వహించారు. కార్యక్రమంలో ఐఐటీ క్యాంపస్ సీనియర్ మెడికల్ ఆఫీసర్ డాక్టర్ మన్సూర్ అహ్మద్‌ఖాన్, సిబ్బంది పాల్గొన్నారు.

25/09/2023 | Odisha | Page : 7
Source : https://epaper.sakshi.com/

**The Sakshi (Telugu)**

**25.09.2023**

**Headline: Cancer Awareness Camp Held At IIT Bhubaneswar**

# ଆଇଆଇଟି ଭୁବନେଶ୍ୱରରେ କ୍ୟାନ୍ସର୍ ସଚେତନତା ଶିବିର



॥ ପ୍ରଭାନ୍ୟୁଜ୍ ॥ କଟଣୀ, ୨୩।୯: ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଏକ ମାଗଣା କ୍ୟାନ୍ସର୍ ସଚେତନତା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। କଟକସ୍ଥିତ ଏଚ୍.ସିଜି ପଣ୍ଡା କ୍ୟାନ୍ସର୍ ହସ୍ପିଟାଲ୍‌ର ମିଳିତ ସହଯୋଗରେ ସେପ୍ଟେମ୍ବର ୨୩ ତାରିଖରେ ଅନୁଷ୍ଠିତ ଏହି ଶିବିରଟିର ଉଦ୍ଦେଶ୍ୟ ଥିଲା, ପ୍ରାଥମିକ ପର୍ଯ୍ୟାୟରେ ହିଁ କ୍ୟାନ୍ସର୍‌ର ଚିହ୍ନଟ ଏବଂ ଏଥି ସମ୍ବନ୍ଧୀୟ ସଚେତନତାର ପ୍ରସାର। ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍‌ର ମହିଳା ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏହି ଶିବିରର ପ୍ରାରମ୍ଭରେ, ଏଚ୍.ସିଜି ପଣ୍ଡା କ୍ୟାନ୍ସର୍ ହସ୍ପିଟାଲ୍‌ର ସର୍ଜିକାଲ୍ ଅଙ୍କୋଲୋଜିଷ୍ଟ ଡଃ ନିତୀଶ ରଞ୍ଜନ ଆଚାର୍ଯ୍ୟ କ୍ୟାନ୍ସର୍ ଓ ଏହାର ଯଥାଶୀଘ୍ର ଚିହ୍ନଟ ସମ୍ପର୍କରେ ସଚେତନତା ସୂଚନା ପ୍ରଦାନ କରିଥିଲେ। ଏହି ଅଭସରରେ ସେ ଯୁବତୀ ମାନଙ୍କ ମଧ୍ୟରେ ସର୍ଭିକାଲ୍ କ୍ୟାନ୍ସର୍‌ର ପ୍ରତିରୋଧରେ ଏଚ୍.ପିଭି ଭ୍ୟାକ୍ସିନ୍‌ର ଭୂମିକା ଓ ଉପାଦେୟତା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଏହି ବକ୍ତବ୍ୟ ପରେ ବ୍ୟକ୍ତିଗତ ପରାମର୍ଶ ପ୍ରଦାନ କରାଯାଇଥିଲା। ଉପଯୁକ୍ତ ମହିଳାମାନଙ୍କ ପାଇଁ ପିଏପି ସ୍ମିଅର୍ ଟେଷ୍ଟର ବିଶେଷ ବ୍ୟବସ୍ଥା ମଧ୍ୟ କରାଯାଇଥିଲା।ଆଇଆଇଟି ଭୁବନେଶ୍ୱର ପକ୍ଷରୁ, ସିନିୟର୍ ମେଡିକାଲ୍ ଅଫିସର୍ ଡଃ ମନ୍‌ସୁଲ୍ ଅହମ୍ମଦ ଖାନ୍‌ଙ୍କ ନେତୃତ୍ୱରେ ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ରର ସଦସ୍ୟମାନେ ଏହି ଶିବିରର ପରିଚାଳନା କରିଥିଲେ। କ୍ୟାନ୍ସର୍ ହସ୍ପିଟାଲ୍‌ର ସାତ ଜଣିଆ ଦଳ ଏହି ଶିବିରର ସଂଚାଳନ କରିଥିଲେ। ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍‌ର ପ୍ରାୟ ୫୦ ଜଣ ମହିଳା ସଦସ୍ୟା ଏହି ଶିବିରରେ ଭାଗ ନେଇ ଲାଭାନ୍ୱିତ ହୋଇଥିଲେ।

**The Suryaprava**

**25.09.2023**